# ମନ୍ସୁନ ପାଇଁ ଫଣ୍ଡ୍ ଟିଏ

ନଭେମ୍ବର ୧୪, ୨୦୧୦ । କାର୍ତ୍ତିକ ପୂର୍ଣ୍ଣିମା ଆଗରୁ ରଜାଙ୍ଗରେ ଆମେ ପହଞ୍ଚି ସାରିଥିଲୁ । 'ରଜାଙ୍ଗ ସର୍କଲ୍' 'ଫେସ୍‌ବୁକ୍ ଏବଂ ପରେ 'ଇ-ଓଡିଶାରେ' ସ୍ଥାନ ପାଇବା ପରେ ଶୁଭେଚ୍ଛୁଙ୍କ ସଂଖ୍ୟା ବଢ଼ି ସାରିଥିଲା । ମୁମ୍ବାଇରେ ଇଣ୍ଟିଗ୍ରେଟେଡ୍ ଲ ପଢୁଥିବା ଯାଜପୁରର ଝିଅ ନବନୀତାର ଉଦ୍ୟମ ଥିଲା ପ୍ରଶଂସନୀୟ । ପଚାଶରୁ ଅଧିକ ବନ୍ଧୁଙ୍କ ପାଖରେ ମାତ୍ର କେଇଦିନ ଭିତରେ ରଜାଙ୍ଗ ସର୍କଲକୁ ସେ ପହଞ୍ଚେଇ ପାରିଥିଲା ।

ନବୀନତା ଆମ ପାଖକୁ ପଠେଇଥିଲା ପାଞ୍ଚଶହ ଟଙ୍କା । ନିଜ ପକେଟ୍ ଖର୍ଚ୍ଚ/ସେଲ୍ ଫୋନ୍ ବିଲ୍ କମେଇ ସେ ସଂଚୟ କରିଥିବା ଅର୍ଥ । ଆଗ ଅପେକ୍ଷା ଆମେ ଅଧିକ ଉତ୍ସାହିତ ହୋଇ ପଡିଥିଲୁ । ରଜାଙ୍ଗ (ଢେଙ୍କାନାଳ ଜିଲ୍ଲା, ହିନ୍ଦୋଳ ବ୍ଲକ୍) ସମେତ ପାଖ ପଡାଗାଁ ବାଗୁଲି, ଛାଡୋଇ ଓ ମୁରୁଡା ଏଥର ଅନ୍ତର୍ଭୁକ୍ତ ହୋଇଥିଲେ ଆମ କାର୍ଯ୍ୟକ୍ରମରେ । ସଂଗୃହୀତ ହୋଇଥିବା ମୋଟ ରାଶିର ପରିମାଣ ଷାଠିଏ ହଜାରକୁ ଛୁଇଁଥିଲା । ଜଣେ ସହୃଦୟ ବନ୍ଧୁ ୪୦ ଖଣ୍ଡ କମ୍ବଳ ବି ପଠାଇଥିଲେ । ଆମ ପାଇଁ ଖୁସି ହେବାର ଆଉ ଏକ ଖାସ୍ କାରଣ ବି ଥିଲା । ଗତ ଜୁଲାଇ ୩୦ ତାରିଖରେ 'ସମ୍ବାଦ'ରେ ପ୍ରାବନ୍ଧିକର ରଜାଙ୍ଗ ସଂପର୍କିତ ଏକ ଲେଖା ପ୍ରକାଶିତ ହେବା ପରେ ଢେଙ୍କାନାଳ ଜିଲ୍ଲା

ପ୍ରଶାସନ ତରଫରୁ କିଛିଟା ତତ୍ପରତା ପ୍ରକାଶ ପାଇଥିଲା । ଦଣ୍ଡିରୀ ଠାରୁ ରଜାଙ୍ଗ ଯିବା ରାସ୍ତାରେ ବହୁ ବର୍ଷ ଆଗରୁ ଅଧାଗଢ଼ା ହୋଇ ପଡିଥିବା କଲଭର୍ଟ ବାବଦରେ ଖୋଳତାଡ ଆରମ୍ଭ ହୋଇ ସାରିଥିଲା । କଲଭର୍ଟ ଉପରେ ସ୍ଲାବ୍ ପଡି ନଥିଲା, କିନ୍ତୁ କାର୍ଯ୍ୟାଦେଶ ପାଇଥିବା ଜଣେ ସ୍ଥାନୀୟ ରାଜନେତାଙ୍କ ଡ୍ରାଇଭର୍ ସେ ବାବଦରେ ତାର ଚୂଡାନ୍ତ ପ୍ରାପ୍ୟ ନେଇ ସାରିଥିଲା । ସ୍ଥାନୀୟ ପଞ୍ଚାୟତ ଏବଂ ଜଙ୍ଗଲ ବିଭାଗ ମଧ୍ୟରେ ବିବାଦ ତୁଟୁ ନଥିବାରୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦଣ୍ଡିରୀଠାରୁ ୯।୧୦ କିମି ଦୀର୍ଘ ଅଣଓସାରିଆ ଜଙ୍ଗଲ ରାସ୍ତା କାମ ହୋଇପାରୁନଥିଲା । ସେ ବାବଦରେ କୁଆଡେ ନିଷ୍ପତ୍ତି ନିଆଯାଇଥିଲା । ରଜାଙ୍ଗ ପ୍ରାଇମେରୀ ସ୍କୁଲ ପାଇଁ ଜଣେ ନିୟମିତ ଶିକ୍ଷକଙ୍କୁ ପୋଷ୍ଟିଂ କରାଯାଇଥିଲା । ସ୍ଥାନୀୟ ପ୍ରଶାସନରେ କାର୍ଯ୍ୟରତ ଆମର ଜଣେ ବନ୍ଧୁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ ଯେ ଆଗାମୀ ଜନସଂପର୍କ ଶିବିର ସେ ରଜାଙ୍ଗରେ କରନ୍ତୁ ।

ଦଣ୍ଡିରୀରେ ଆମେ ପହଞ୍ଚିବା ବେଳକୁ ଦିନ ୧୧ଟା । ପାଗ ସେଦିନ ଶୁଖିଲା ଥିଲା, କିନ୍ତୁ ଆକାଶରେ ଭସା ମେଘ ଥିଲା । ଦଣ୍ଡିରୀ ଠାରୁ ଦୁଇଟି ଜିପ୍‌ରେ ଆମେ ରଜାଙ୍ଗ ରାସ୍ତାରେ ଗଲାବେଳେ ରାସ୍ତା ଆଗ ଅପେକ୍ଷା ଟିକିଏ ସଫାସୁତୁରା ଲାଗୁଥିଲା । ବୋଲିଂ ନାଳରେ ଅଳ୍ପ ପାଣି ଥିଲା । ଆମ ସାଙ୍ଗରେ ଏଥର ଥିଲା ଅବିନାଶ । ଅଧ୍ୟାପକ ଅବିନାଶ ଆଗରୁ ଆମ ଗ୍ରୁପରେ ଥିଲା, କିନ୍ତୁ ପ୍ରଥମ ଥର ପାଇଁ ରଜାଙ୍ଗ ଆସିଥିଲା । ବୋଲିଂ ନାଳ ଉପରେ ହୋଇଥିବା ଅଧା ଗଢା କଲଭର୍ଟ ଆମେ ଅବିନାଶକୁ ଚିହ୍ନେଇବା ଆଗରୁ ସେ ନିଜେ ସେଇଠି ଜିପ୍ ଅଟକେଇବା ପାଇଁ କହିଲା । ଆମ ସହିତ ଦଣ୍ଡିରୀରୁ ଜିପରେ ଆସିଥିଲେ ସୁରେଶ ପ୍ରଧାନ । ରଜାଙ୍ଗ ଗାଁ ମୁଖିଆଙ୍କ ପୁଅ । ବୟସ ୪୦।୪୨ ହେବ । ବର୍ଷରେ ଖୁବ୍ ଜୋରରେ ମାସେ ଦି ମାସ ସୁରେଶ ଗାଁରେ ରହେ । ଅବଶିଷ୍ଟ ଦିନ କେରଳରେ । ଦଶ ବର୍ଷ ତଳେ ସେଠିକୁ ଯାଇଥିଲା ମୂଲିଆ ଭାବରେ ଦାଦନ ଖଟିବା ପାଇଁ । ଏବେ କାମ ଶିଖି ରାଜ ମିସ୍ତ୍ରୀ । ଗାଁରୁ ଆଉ ୬।୭ ଜଣଙ୍କୁ ନେଇ ପାଖରେ ରଖିଛି । ତା ସହିତ ଆମର କମ୍ ଦେଖାହୁଏ । ସୁରେଶ ଭାରି କୁହାଳିଆ । କହିଲା, ବାବୁ, ବିଲ୍ ସରି ଟଙ୍କା ଚଲୁ ହୋଇ ସାରିଛି ୪।୫ ବର୍ଷ ହେଲାଣି । ନେତାଙ୍କ ଡ୍ରାଇଭର୍ । ଚାରିଖୁଣ ମାପ୍ । ହେଲେ ମୁଁ ଛାଡିବା ଲୋକ ନୁହେଁ ଆଜ୍ଞା । ଏଇ ୮।୧୦ ଦିନ ତଳେ ଦେଖା ହୋଇଥିଲା ରାସୋଳ ବଜାରରେ । ବହେ ଶୋଧିଲି । ବ୍ଲକରେ ପୁଣି କାମ ନଉଛି ଯା ନାଁରେ . . ତା ନାଁରେ । ଅବିନାଶ ହସିଲା । କହିଲା, ହେଲେ ମତେ ତ କାହିଁ ଏ ରାସ୍ତା ସଫାସୁତୁରା ଦିଶୁଛି । ସରକାର ତୁମ ରାସ୍ତା କାମ ବୋଧହୁଏ ଆରମ୍ଭ କରିଦେଲେଣି ! ଜୋରରେ ହସିଲା ସୁରେଶ । ସାର୍, ଆପଣ ମାନେ ଆସିବା



ଖବର ପାଇ ଆମେ ୩୦।୪୦ ଜଣ ଗାଁ ବାଲା ଏ ରାସ୍ତା କାମ ନିଜ ଆଡୁ କରିଛୁ । ଖାଲଖମାରେ ମାଟି ଗଣ୍ଡାଏ ପଡିଛି । ଆମେ ଚୁପ୍ ହୋଇ ସାରିଥିଲୁ ।

ରଜାଙ୍ଗ ପ୍ରାଇମେରି ସ୍କୁଲ ପାଖରେ ପହଞ୍ଚିବା ବେଳକୁ ବେଶ୍ କିଛି ଗାଁ ଲୋକ ସେଠି ପହଞ୍ଚି ସାରିଥିଲେ । ସେଦିନ ସ୍କୁଲ ଛୁଟି ଥିଲା । ସରକାରୀ ଶିକ୍ଷକ ଆସିନଥିଲେ । ତେବେ ପିଲାଙ୍କ ମେଳରେ ହରି ସାର୍‌ଙ୍କୁ ଚିହ୍ନିବାରେ ଆମର ଅସୁବିଧା ହୋଇନଥିଲା । ବିନା ପାରିଶ୍ରମିକରେ ହରି ସାର୍ ପହିଲେ ରଜାଙ୍ଗରେ ଚାହାଳୀ କରି ଏବଂ ପରେ ସ୍କୁଲ ଘର ତିଆରି ହେବା ପରେ ପିଲାଙ୍କୁ ପଢଉ ଥିଲେ । ଆମେ ପଚାରିଥିଲୁ, ଶିକ୍ଷକ ପୋଷ୍ଟିଂ ହେବା ପରେ ବି କଣ ଆପଣ ପଢଉଛନ୍ତି ? ହରି ସାର୍ କହିଲେ, ପୁରୁଣା ଅଭ୍ୟାସ ସାର୍। ଏତେ ଶୀଘ୍ର ଯିବନି । ଆଜି ଶିଶୁ ଦିବସ । ସକାଳୁ ସକାଳୁ ପିଲାଙ୍କ ପାଖକୁ ଚାଲିଆସିଲି । ରଜାଙ୍ଗ ପାଇଁ ସଂଗୃହୀତ ଅର୍ଥରେ ଆମେ କିଣିଥିଲୁ ପୁଅଝିଅଙ୍କ ପାଇଁ ପୋଷାକ, ଖେଳନା, କମ୍ବଳ, ଧୋତି, ଶାଢୀ ଓ ବାସନ । ଅରବିନ୍ଦ ଏବଂ ଆଉ କେତେ ଜଣ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ପିଲାମାନଙ୍କର ଡାଟାବେସ୍ ଆଗରୁ ପ୍ରସ୍ତୁତ କରାଯାଇଥିଲା, ଯାହାକି ପିଲାଙ୍କ ବୟସ ଅନୁସାରେ ଆମକୁ ପୋଷାକ କିଣିବାରେ ସାହାଯ୍ୟ କରିବ । ରଜାଙ୍ଗ ଓ ମୁରୁଡା ପାଇଁ କିଛି ଅସୁବିଧା ନଥିଲା, କାରଣ ସେ ଦୁଇଟି ଗାଁ ଗତ ଥର ମଧ୍ୟ ଆମ ତାଲିକାରେ ଥିଲେ । ହେଲେ ଏଥର ଏକ ଅଭାବନୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଲା, ଯେତେବେଳେ ବାଗୁଲି ଓ ଛାଡୋଇର ପିଲାମାନଙ୍କୁ ପୋଷାକ ଦିଆଗଲା । ୧୦।୧୧ ବର୍ଷର ପିଲାଙ୍କ ପାଇଁ ଆମେ ଆଣିଥିବା ପୋଷାକ ସେମାନଙ୍କୁ ବଡ ହେଉଥିଲା । (ଓଭର୍‌ସାଇଜ୍) ୨।୩ ଥର ପୋଷାକ ବଦଳେଇ ଟିକେ ଛୋଟମାପର ପୋଷାକ ନେବା ବେଳେ ଆମେ ଭାବୁଥିଲୁ ଯେ ପିଲାମାନଙ୍କ ବୟସ ଆମ ତାଲିକାରେ ଠିକ୍ ଠିକ୍ ଲେଖା ହୋଇନି । ଅରବିନ୍ଦ ସର୍ଭେ କଲା ବେଳେ ବୟସ ଭୁଲ୍ ପକେଇଛି । ମୁଁ ଅରବିନ୍ଦ ମୁହଁକୁ ଚାହିଁଲି । ସେ ମୋ କଥା ଠିକ୍ ବୁଝିପାରିଲା । କହିଲା, ସାର୍ ବୟସ ଟିପିବାରେ ମୋର ଭୁଲ୍ ହୋଇନି । ହେଲେ ସମସ୍ୟା ଅଲଗା । ମୁଁ ଆଗକୁ ଚାହିଁଲି । ବିଶ୍ୱଜିତ୍ ନାଁ ଡାକୁଥିଲା । ରଶ୍ମିତା-୧୨ ବର୍ଷ, ମଣ୍ଟୁ-୧୦ ବର୍ଷ, ରିନା-୫ ବର୍ଷ । ରଶ୍ମିତା ଓ ମଣ୍ଟୁକୁ ଦିଆଯାଇଥିବା ପୋଷାକ ସେମାନଙ୍କୁ ବେଶ୍ ବଡ ହେଉଥିଲା । ବୟସ ଠିକ୍ ଲେଖା ଅଛି କି ନାହିଁ ଜାଣିବା ପାଇଁ ମଣ୍ଟୁକୁ ଆମେ ତା ବୟସ ପଚାରିଥିଲୁ । ଟିକେ ଭାବିବା ପରେ ମଣ୍ଟୁ କହିଲା ୧୦।୧୨ ବର୍ଷ । ପଢୁଛୁ ? ଆମେ ପୁଣି ପଚାରିଲୁ । ମୁଣ୍ଡ ହଲେଇ 'ନାଁ' କହିଲା ମଣ୍ଟୁ । ସେ ଦିଶୁଥିଲା ଖୁବ୍ ବେଶିରେ ସାତ-ଆଠ ବର୍ଷର ପିଲାଟିଏ ପରି । ଆଖି ସାମାନ୍ୟ ଭିତରକୁ ପଶିଯାଇଛି । କୁଞ୍ଚୁକୁଞ୍ଚିଆ ବାଳ । ସରୁ ସରୁ ହାତ । ଅର୍ଦ୍ଧାହାର ଏବଂ ପୁଷ୍ଟିହୀନତାର

ସଂଜ୍ଞା ଖୋଜିବା ତେଣିକି ଆଉ କଷ୍ଟକର ହୋଇନଥିଲା । ଅଧିକାଂଶ ପିଲା ଏଇଥି ପାଇଁ ସେମାନଙ୍କ ବୟସ ତୁଳନାରେ ସାନ ଦେଖାଯାଉଥିଲେ । ସ୍ୱାଭାବିକ, ସେମାନଙ୍କୁ ପୋଷାକ ବଡ ହେଉଥିଲା ।

ସୁରେଶ କହିଲା- ବାବୁ, ଯୋଉ ପିଲା ସ୍କୁଲରେ ପଢୁଛନ୍ତି, ସେମାନଙ୍କୁ ଅନ୍ତତଃ ମଧ୍ୟାହ୍ନ ଭୋଜନ ଗଣ୍ଡାକ ମିଳିଯାଉଛି । ହେଲେ ମଣ୍ଟୁ ପରି ଢେର୍ ପିଲାଙ୍କର ପିଞ୍ଜରା ହାଡ ଗଣିବାରେ କିଛି ଅସୁବିଧା ହେବନି । ଆମର ଡାକ୍ତର ବଇଦ କେହି ନାହାନ୍ତି । ବର୍ଷା ଦିନେ ଡୋଲାରେ ରୋଗୀଙ୍କୁ ନେଉ ରାସୋଳ । ଏ ରାସ୍ତାରେ ଅଟୋବାଲା ପଶିବାକୁ ମାଗନ୍ତିନି । ଭଡା ହାଙ୍କିବେ ସାତ ଶହ । ଆମର ଟଙ୍କା କାହିଁ ? ଫି ବର୍ଷ ନଭେମ୍ବରରୁ ମେ-ଜୁନ୍ ଭିତରେ ବ୍ରେନ୍ ମେଲେରିଆରେ ଏସବୁ ଗାଁରୁ ମରନ୍ତି ୮।୧୦। କେଇ ମାସ ତଳେ ମାରା ପଡିଛି ଛୋଟିଆ ଝିଅ ଟିଏ ଏଇ ରଜାଙ୍ଗରୁ, ପାଖ ଗାଁରୁ ହଳଧର ପ୍ରଧାନ ଆଉ ନନ୍ଦ ବେହେରା । ମାସରେ ଥରେ ଅଧେ ସ୍ୱାସ୍ଥ୍ୟ କର୍ମୀ ଦଣ୍ଡିରୀ ପର୍ଯ୍ୟନ୍ତ ଆସନ୍ତି । ଟୀକା ଦେବା ପାଇଁ ପିଲାଙ୍କୁ ଆମେ ସେଇଠିକୁ ନଉ । ଜଣେ ଆଶା କର୍ମୀ ଦିଦି ପାଖ ଗାଁରେ ରହନ୍ତି । ବାସ୍ ସେତିକି । ଅବିନାଶକୁ ଆମେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କଥା ପଚାରିଥିଲୁ । ଅବିନାଶ କହିଲା ଏନ୍ଆର୍ଏଚ୍ଏମ୍ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା । ମିସନକୁ ପାଞ୍ଚ ବର୍ଷ ପୂରିଲାଣି । ଓଡିଶା ସମେତ ୧୮ଟି ରାଜ୍ୟକୁ 'ହାଇ ଫୋକସ୍' ମାନ୍ୟତା ମିଳିଛି । ୧୯୯୯ରେ ଦେଶର ମୋଟ ଘରୋଇ ଉତ୍ପାଦନର ୦.୯ ପ୍ରତିଶତ ବିନିଯୋଗ ହେଉଥିଲା ସ୍ୱାସ୍ଥ୍ୟକ୍ଷେତ୍ରରେ ଯାହାକୁ ୨୦୧୨ ସୁଦ୍ଧା ୩ ପ୍ରତିଶତକୁ ବୃଦ୍ଧି କରାଯିବ ବୋଲି ଲକ୍ଷ୍ୟ ରହିଥିଲା । ମ୍ୟାଲେରିଆ ନିୟନ୍ତ୍ରଣ ମଧ୍ୟ ଏହାର ପରିସର ଭୁକ୍ତ । ତା ସହିତ ଶିଶୁ ମୃତ୍ୟୁ ହାର, ପୁଷ୍ଟିହୀନତା ଏବଂ ସଂକ୍ରାମକ ରୋଗ ରୋକାଯିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହାର ଅନ୍ତର୍ଭୁକ୍ତ । ୨୦୦୫-୦୬ରୁ ୨୦୦୯-୧୦ ପର୍ଯ୍ୟନ୍ତ ଏନ୍ଆର୍ଏଚ୍ଏମ୍‌ରେ କେନ୍ଦ୍ରୀୟ ବ୍ୟୟବରାଦ ହୋଇଥିଲା ମୋଟ ୫୨,୬୦୦ କୋଟି ଟଙ୍କା । ୨୦୦୫-୦୬ ରୁ ୨୦୦୮-୦୯ ଭିତରେ ଆମ ରାଜ୍ୟରେ ଏ ବାବଦରେ ଖର୍ଚ୍ଚ ହୋଇସାରିଛି ୯୦୮.୫୮ କୋଟି । ସେଇ ସମୟ ଭିତରେ ୧୪୪ ରୋଗୀ କଲ୍ୟାଣ ସମିତି ଗଠିତ ହୋଇଛି, ୩୪,୨୫୨ ଆଶାକର୍ମୀଙ୍କୁ ନିଯୁକ୍ତି ମିଳିଛି । ଡାକ୍ତରଖାନା ନିର୍ମାଣ ତଥା ଡାକ୍ତରୀ ଉପକରଣ କ୍ରୟ ନିମନ୍ତେ ବ୍ୟୟ ବରାଦ ହୋଇଛି ୩୬୦.୩୧ କୋଟି, ଡାକ୍ତର ଏବଂ ଅନ୍ୟାନ୍ୟ ଷ୍ଟାଫ୍ ନିଯୁକ୍ତି ପାଇଁ ୯୨.୮୦ କୋଟି । ଦୁଇ ବର୍ଷ ତଳେ କେବଳ ଢେଙ୍କାନାଳ ଜିଲ୍ଲାର ଏନ୍ଆର୍ଏଚ୍ଏମ୍ ବଜେଟ୍ ଥିଲା ୭୨୦ ଲକ୍ଷ ଟଙ୍କା ।

ଗହଳି ଭାଙ୍ଗି ଆସୁଥିଲା । ସୁରେଶ କିଛି ଗାଁ ଲୋକଙ୍କୁ ଭାଷଣ ଶୁଣାଉଥିଲା । ତୁମେ ଗାଁ ବାଲା ଯେତେ ବାଡେଇ ହେଲେ କିଛି ହବନି । ତୁମ ପାଖରେ ଭୋଟ କାହିଁ ?

ଅଧାରୁ ଅଧିକା ତୁମ ଗାଁରେ ଛୁଆ ପିଲା । କେଇ ଶହ ଭୋଟ ପାଇଁ ତୁମ ଗାଁକୁ କିଏ କାହିଁକି ଆସିବ ? ଅବିନାଶ ବି ସେଠି ପହଞ୍ଚି ସାରିଥିଲା । କେଇ ଜଣ ସେମାନଙ୍କ ଜବ୍ କାର୍ଡ ତାକୁ ଦେଖାଉଥିଲେ । ଗାର ଟଣା କାର୍ଡ ସବୁ ଖାଲି ଥିଲା । ସେମାନଙ୍କ ଭିତରେ ଥିଲା ଧ୍ରୁବ ଦେହୁରୀର କାର୍ଡ । ନଂ. ୩୪,୪୬୨ । ଆରମ୍ଭରୁ ଖାଲି, ଅଥଚ ଦୁଇ ପ୍ରସ୍ଥ ଜରି ଖୋଳ ଭିତରେ ସୁରକ୍ଷିତ ।

ଆମେ ବାହାରିବା ବେଳକୁ ଝିପ୍ ଝିପ୍ ବର୍ଷା ପକାଉଥିଲା । ଜିପ୍ ଷ୍ଟାର୍ଟ ସରିଛି, ଆମକୁ ପଛରୁ ଡାକିଲେ ହରି ସାର୍ । ମଇଳା ଚାଦର ଖଣ୍ଡେ ଘୋଡି ହୋଇ ଜିପ୍ ଆଡକୁ ଆସୁଥିଲା ବୈରାଗୀ ପ୍ରଧାନ । ତା ସାଙ୍ଗରେ ଛୋଟିଆ ଝିଅଟିଏ । ବୈରାଗୀକୁ ଆମେ ଆଗରୁ ଜାଣିଥିଲୁ । କଣ ହେଲା ? ଜିପ୍‌ରୁ ଓହ୍ଲାଇ ବିଶ୍ୱଜିତ୍ ପଚାରିଲା । ଆଜ୍ଞା, ବୈରାଗୀ ଝିଅ ପୋଷାକ ନବା ପାଇଁ ଆସିନଥିଲା । ବିଚାରୀକୁ ଜ୍ୱର । ଆମେ ତୀର୍ଥବାସୀ ହାତରେ ତା ପାଇଁ ଫ୍ରକ୍ ପଠେଇଥିଲେ । ଫ୍ରକ୍‌ଟା ତାକୁ ଭାରି ବଡ ହଉଛି ବାବୁ, ବଦଳେଇ ଦିଅନ୍ତେ ନି ! ବୈରାଗୀ ଆମ ପାଖକୁ ଆସି କହିଲା । ସେ ଯାଏଁ ବୈରାଗୀର ହାତକୁ ଧରି ଠିଆ ହୋଇଥିଲା ଝିଅଟି । ଅଲରା ବାଳ । ବେଶ୍ ବଡ ବଡ ଆଖି । ବୟସ ୭।୮ ବର୍ଷରୁ ଅଧିକ ମନେ ହେଉନଥିଲା । ବୈରାଗୀ କହିଲା, ବାବୁ ପିଲାଟାକୁ ପ୍ରକୃତରେ ଏଗାର ପୂରିଲା । ସବୁବେଳେ ତା ଦିହ ଖରାପ । ଜାମାଟା ବଦଳେଇ ଦିଅନ୍ତନି ! ବିଶ୍ୱଜିତ୍ ପେଟି ଭିତରୁ ଛୋଟ ଫ୍ରକ୍ ଟିଏ ଖୋଜିବା ଆରମ୍ଭ କରି ଦେଇଥିଲା । ସେ ଜାଣିଥିଲା, ଛୋଟ ଫ୍ରକ୍ ନାହିଁ । 'ତୁ ସେଇ ଫ୍ରକ୍ ରଖିଥା । ତୋ ପାଇଁ ଆମେ ଗୋଟାଏ ଫ୍ରକ୍ ଖୁବ୍ ଶୀଘ୍ର ପଠେଇ ଦେବୁ । ୩।୪ ଦିନ ଭିତରେ', ଝିଅଟି ହାତକୁ ଗୋଟାଏ ହଳଦିଆ ପ୍ଲାଷ୍ଟିକ୍ କାର୍ ବଢେଇ କହିଲା ଅବିନାଶ । ସେଥିରେ ଲେଖା ହୋଇଥିଲା 'ହୋଣ୍ଡା' । ଫିକ୍ କିନା ହସି ହେଲା ଝିଅଟି । 'ତୋ ନାଁ କଣ ମା ?', ମୁଁ ପଚାରିଲି । 'ମନସୁନ୍ ।' ପ୍ଲାଷ୍ଟିକ୍ କାର୍ ଆଉଁସୁ ଆଉଁସୁ କହିଲା ସେ । ହଠାତ୍ ଜୋରରେ ବର୍ଷା ହେବା ଆରମ୍ଭ ହୋଇଗଲା ।

●

(ସମ୍ବାଦ: ୨୪/୧୨/୨୦୧୦)